بسم الله الرحمن الرحيم

# ୨୦ ଜୁନ - ୨୦୧୪ ଖୁତବାଃ ଜୁମାର ସାରାଂଶ

**ସ୍ଥାନ : ମସଜିଦ୍ ବୈତୁଲ ଫୁତୁହ, ଲଣ୍ଡନ** **ସୌଜନ୍ୟ : ନେଜାରତ୍ ନଶରୋ ଇଶାଅତ, କାଦିୟାନ**

ତଶହହୁଦ ତାଉଜ୍ ଓ ସୁରା ଫାତିହା ଆବୃତ୍ତି କରି ସାରି ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ] କହିଲେ,ବିଗତ ଦୁଇଟି ଜୁମାର ଖୁତ୍‌ବା ଜର୍ମାନୀ ଯାତ୍ରା ଯୋଗୁଁ ସେହିଠାରେ ହିଁ ଦେଇଥିଲି । ଜୁନ୍-6 ତାରିଖରେ ମୁଁ ଦେଇଥିବା ଖୁତବା ଖିଲାଫତ୍‌ର ଆଜ୍ଞାବହ ହେବା ଓ ଖିଲାଫତ୍ ପ୍ରତି ଅନୁରକ୍ତି ପ୍ରକାଶ କରିବା ବିଷୟ ଉପରେ ଆଧାରିତ ଥିଲା, ଯାହା କେବଳ ଜର୍ମାନୀ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱ ଉଦ୍ଦେଶ୍ୟରେ ଅଭିପ୍ରେତ ଥିଲା । ଅବଶ୍ୟ ତହିଁରେ ଜର୍ମାନୀର ସାଂପ୍ରତିକ ପରିସ୍ଥିତି ସଂବନ୍ଧରେ ମୋତେ କେତେକ ଉଦାହରଣ ଦେବାକୁ ପଡିଥିଲା । ତେବେ ମୁଁ ଆନନ୍ଦିତ ଯେ ସାରା ଦୁନିଆର ଅହମଦିମାନଙ୍କ ପ୍ରତିକ୍ରୀୟା ଅତ୍ୟନ୍ତ ଉତ୍ସାହଜନକ ଥିଲା ଏବଂ ସେମାନେ ସଂଗେ ସଂଗେ ଖିଲାଫତ୍ ପ୍ରତି ସଂପୂର୍ଣ୍ଣ ଅଜ୍ଞାନୁବର୍ତ୍ତୀତା ଓ ବିଶ୍ୱସ୍ତ ଭାବ ପ୍ରଦର୍ଶନ କରିଥିଲେ । ବିଶେଷତଃ କେତେକ ବ୍ୟକ୍ତି ଏହା ସ୍ୱୀକାର କଲେ ଯେ ସେମାନଙ୍କ ମଧ୍ୟରୁ ଅନେକ ମୋ ହିତୋପଦେଶର ଅଯଥା ଅର୍ଥ ବାହାର କରୁଛନ୍ତି ଓ ଅତିରଞ୍ଜିତ କରି କହୁଛନ୍ତି । ତେବେ ସେହି ଭୁଲର ପୁନରାବୃତ୍ତି ଏଣିକି ଆଉ ହେବ ନାହିଁ । ଇନ୍‌ଶାଲ୍ଲାଃ ।

ଏଥିରୁ ଜଣାପଡେ ଯେ ହଜରତ ମସିହ ମଉଦ[ଅସ]ଙ୍କ ଦ୍ୱାରା ପ୍ରତିଷ୍ଠିତ ଜମାଅତର୍ ଏହା ହେଉଛି ବିଶେଷତ୍ୱ ତଥା ସୁନ୍ଦରତାରେ ପରିପୂର୍ଣ୍ଣ । ଯଦି କେଉଁ ବିଷୟ ପ୍ରତି ସଚେତନ କରାଇବ, ସେମାନେ ତତ୍‌କ୍ଷଣାତ୍ ସଜାଗ ହୋଇଯା'ନ୍ତି । ଅଲ୍ଲାଃ ସମସ୍ତ ଅହମଦିଙ୍କ ଏପରି ଆଜ୍ଞାବହତା ଓ ବିଶ୍ୱସ୍ତତା କୁ ଅଧିକ ବୃଦ୍ଧି କରାନ୍ତୁ । ପୂର୍ବରୁ ପ୍ରଚଳିତ ବିଧି ଅନୁଯାୟୀ ମୋର ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ରହିଥିବା ଜର୍ମାନୀ ଜଲସା ସଂପର୍କରେ କିଛି ଏଠାରେ ବର୍ଣ୍ଣନା କରିବି । ବାସ୍ତବିକ ଅହମଦିମାନଙ୍କ ଦ୍ୱାରା ଧୁମଧାମରେ ଅନୁଷ୍ଠିତ ହେଉଥିବା ଏହି ଜଲସାର ପ୍ରକୃତ ରହସ୍ୟ କ'ଣ ? ଏଥିରେ ସେମାନଙ୍କ କାର୍ଯ୍ୟକଳାପ କ'ଣ ? ସେମାନଙ୍କ କଥା ଓ କାର୍ଯ୍ୟରେ ତାଳମେଳ ରହିଛି କି ନାହିଁ ? ଏପରି ଅନେକ ପ୍ରଶ୍ନ ଉଠେ ଏହାକୁ ଦେଖିବା ପାଇଁ ଆସୁଥିବା ଅନ୍ୟ ସଂପ୍ରଦାୟର ଲୋକଙ୍କ ମନରେ । ଯେଉଁଠି ସାଂସାରିକ ମେଳା ସଦୃଶ କୋଳାହଳ ନାହିଁ, ବାହ୍ୟ ଚାକଚକ୍ୟରେ ପରିପୂର୍ଣ୍ଣ ଆଡମ୍ବର ନାହିଁ । ଅଛି କେବଳ ଆଧାତ୍ମିକତାରେ ପୂର୍ଣ୍ଣ ମଧୁର ପରିବେଶ, ପ୍ରେମ ଓ ଭାଇଚାରାର ଅପୂର୍ବ ମିଳନର ଦୃଶ୍ୟ । ଏପରି ଏକ ବିଚିତ୍ର ସମାବେଶକୁ ଦେଖି ଅଣ ମୁସଲମାନ ଅତିଥିମାନେ ଇସଲାମର ଶାନ୍ତି, ପ୍ରୀତି ଓ ପ୍ରଗତିର ଦିବ୍ୟମୟ ଶିକ୍ଷା ପ୍ରତି ଆକୃଷ୍ଟ ହୁଅନ୍ତି । ସେମାନଙ୍କ ମନରେ ଇସଲାମ ଧର୍ମ ପ୍ରତି ରହିଥିବା ସନ୍ଦେହ ଦୂର ହୋଇଯାଏ । ଏହି ଜଲସା ସେମାନଙ୍କୁ ସତ୍‌ପଥ ଦେଖାଇବାର ସରଳ ମାଧ୍ୟମ ହୁଏ । ଏପରିକି ଏହି ସୌହାର୍ଦ୍ଦ୍ୟମୟ ପରିବେଶ ଏବଂ ଏହାର ସମସ୍ତ କାର୍ଯ୍ୟକ୍ରମକୁ ଦେଖି ସେମାନଙ୍କ ମଧ୍ୟରୁ ଅନେକ ଅହମଦିୟତ ଅର୍ଥାତ୍ ବାସ୍ତବ ଇସଲାମକୁ ଗ୍ରହଣ କରନ୍ତି ଏବଂ ବୟତ୍ କରି ଜମାଅତ୍‌ରେ ସାମିଲ ହୋଇଯା'ନ୍ତି । ଗଭୀର ଭାବେ ଅଧ୍ୟୟନ କରୁଥିବା ଅନେକ ପ୍ରଭାବିତ ବ୍ୟକ୍ତିଙ୍କ ହୃଦୟ କିଛି ଦିନ ପରେ ଅହମଦିୟତ ପ୍ରତି ସଂପୂର୍ଣ୍ଣ ଆସ୍ଥାଭାଜନ ହୋଇଥାଏ । ସୁତରାଂ ଏହି ଜଲସା ଇସଲାମର ପ୍ରକୃତ ପ୍ରତିଛବିକୁ ପ୍ରଦର୍ଶିତ କରାଏ ଏବଂ ପ୍ରଚାର ଓ ପ୍ରସାରର ଏକ ସୁଯୋଗ ସୃଷ୍ଟି କରିଥାଏ ।

ଜର୍ମାନୀ ଜଲସାକୁ ଆସିଥିବା ଅଣ-ମୁସଲିମ ଅତିଥିମାନଙ୍କ ଜଲସା ସଂବନ୍ଧରେ କି ଧାରଣା ରହିଛି, ପ୍ରଥମେ ମୁଁ ସେ ବିଷୟରେ କହିବି । ଅଲ୍ଲାଃଙ୍କ କୃପା ଓ ସମର୍ଥନ କିପରି ଆଶ୍ଚର୍ଯ୍ୟଜନକ ଭାବେ ପ୍ରକଟିତ ହୋଇଛି, ତାହା ବର୍ଣ୍ଣନା କରିବି । କାରଣ ଭକ୍ତ ହୃଦୟର ଭାବ କେବଳ ଅଲ୍ଲାଃଙ୍କ କରୁଣା ପ୍ରତି ଆକର୍ଷିତ ହୁଏ । କେବଳ ଜଲସା ନୁହେଁ, ଅନ୍ୟ ସମସ୍ତ ଉତ୍ସବ ଜମାଅତର୍ ପରିଚୟ ଦେବାରେ ବହୁତ ବଡ ଭୂମିକା ଗ୍ରହଣ କରିଥାଏ । ଇସଲାମର ସୁନ୍ଦର ଶିକ୍ଷା ପ୍ରସାରଣର ଦ୍ୱାର ଖୋଲିବାରେ ଏହା ସହାୟକ ମଧ୍ୟ ହୋଇଥାଏ । ତେବେ ଜର୍ମାନୀର ପରିଦର୍ଶନ କାଳରେ ମୋତେ ଅନେକ ମସଜିଦ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିବା ତଥା ନୂତନ ମସଜିଦ୍‌ର ଉଦ୍‌ଘାଟନ କରିବାର ଅବସର ମଧ୍ୟ ମିଳିଥିଲା । ଏହାଦ୍ୱାରା ଲୋକଙ୍କ ନିକଟରେ ଇସଲାମରୁ ସୁଶୋଭିତ ଶିକ୍ଷା ପହଞ୍ଚାଇ ଦିଆଗଲା । ଫଳତଃ ସେମାନେ କହିଲେ ଯେ ଏଥିପୂର୍ବରୁ ଇସଲାମ ସଂବନ୍ଧରେ ସେମାନେ କିଛି ଜାଣି ନଥିଲେ । ପୁଣି ସମ୍ବାଦପତ୍ର ଇତ୍ୟାଦି ଗଣ ମାଧ୍ୟମରେ ଇସଲାମର ବାର୍ତ୍ତା ପ୍ରସାରିତ ହେଲା ଯାହା କୋଟି କୋଟି ଲୋକଙ୍କ ମନକୁ ସ୍ପର୍ଶ କଲା ।

ଜର୍ମାନୀ ଜଲସାରେ ଅଲ୍ଲାଃଙ୍କ କୃପାରୁ ବିଭିନ୍ନ ପଡୋଶୀ ଦେଶରୁ ବହୁ ସଂଖ୍ୟକ ଭକ୍ତ ଯୋଗ ଦେଇଥିଲେ । ଫ୍ରାନ୍‌ସ ଓ ବେଲଜିୟମ୍‌ରୁ ଆସିଥିବା ନବ ଦୀକ୍ଷିତ ଅହମଦି ତଥା ସତ୍ୟାନ୍ୱେଷୀମାନଙ୍କ ବ୍ୟତୀତ ଅଷ୍ଟୋନିୟା,କ୍ରୋସିଆ,ଲିଥୁଏନିଆ, ସ୍ଲୋଭିନିଆ, ରୋମାନିୟା, ହଙ୍ଗେରୀ, ମଣ୍ଟିନେଗ୍ରୋ, ବୋସୋନିୟା ତଥା ରଷୀୟ ଦେଶରୁ ବହୁ ପ୍ରତିନିଧି ଦଳ ଆସିଥିଲେ । ସେହିପରି କୋସୋଭ, ଅଲ୍‌ବାନିୟା, ବୁଲ୍‌ଗାରିଆ ତଥା ମେସିଡୋନିଆ ଦେଶର ସ୍ତ୍ରୀ-ପୁରୁଷ, ବାଳୁତ ଇତ୍ୟାଦି ଅଣ- ମୁସଲିମ ବଂଧୁମାନେ ଆସି ଯୋଗ ଦେଇଥିଲେ ।

ଏ ବର୍ଷ ଜଲସାରେ ମେସିଡୋନିଆରୁ 55 ଜଣ ବ୍ୟକ୍ତି ବିଶିଷ୍ଟ ଦଳ ମଧ୍ୟରେ 28 ଜଣ ଖ୍ରୀଷ୍ଟିୟାନ,10 ଜଣ ଅଣ- ଅହମଦି ତଥା 17 ଜଣ ଅହମଦି ମୁସଲମାନ ସମ୍ମିଳିତ ହୋଇଥିଲେ । ସେହିପରି 82 ଜଣ ବୁଲଗାରିଆରୁ ଦୀର୍ଘ ପଥ ଯାତ୍ରା କରି ଆସିଥିଲେ । ଏହି ଆଧ୍ୟାତ୍ମିକ ସମାବେଶ ସେମାନଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା ଏବଂ ସେମାନଙ୍କ ହୃଦୟରେ ବିରାଟ ପରିବର୍ତ୍ତନ ଦେଖାଦେଇଥିଲା । ସେଠାରେ ଅତିଥି ସତ୍କାର ଓ ସେବାମୂଳକ କାର୍ଯ୍ୟ ଦେଖି ସେମାନେ ବିମୋହିତ ହୋଇଥିଲେ । ମେସିଡୋନିୟାରୁ ଦୁଇ ଜଣ ସାହିତ୍ୟିକ ଏବଂ କ୍ୟାମେରାମ୍ୟାନ ଯୋଗ ଦେଇଥିଲେ ଏବଂ ସମସ୍ତ କାର୍ଯ୍ୟକ୍ରମକୁ ରେକର୍ଡିଂ କରି ନେଇଥିଲେ, ଯାହାକୁ ସେମାନେ ନିଜି ଟି.ଭି.କାର୍ଯ୍ୟକ୍ରମରେ ଦେଖାଇବେ ବୋଲି କହିଲେ । ଜଲ୍‌ସାର ଶେଷଦିନ ସେମାନଙ୍କ ମଧ୍ୟରୁ 9 ଜଣ ବୟତ ମଧ୍ୟ କରିଥିଲେ ।

Nikolcho Goshevski ନାମକ ଜଣେ ସରକାରୀ ଅଧିକାରୀ କହିଲେ, ‘ମୋର ଏଠାକୁ ଆସିବା ସାର୍ଥକ ହୋଇଛି । ଧର୍ମ ସଂବନ୍ଧୀୟ ଜ୍ଞାନର ଉଦୟ ହୋଇଛି । ଜମାଅତ୍‌ର ମୁଖ୍ୟ ଗୁରୁଙ୍କ ଉଦ୍‌ବୋଧନ ଇସଲାମ ସମ୍ବନ୍ଧରେ ମୋର ଭ୍ରାନ୍ତ ଧାରଣାକୁ ଦୂର କରିଦେଇଛି । ଇସଲାମ କୌଣସି ନିଷ୍ଠୁର ଓ ହିଂସା ସୃଷ୍ଟିକାରୀ ଧର୍ମ ନୁହେଁ, ବରଂ ଶାନ୍ତିର ଧର୍ମ ବୋଲି ମୋର ହୃଦ୍‌ବୋଧ ହୋଇଛି’ ।

ପୁଣି ମେସିଡୋନିୟାରୁ ହିଁ ଅନ୍ୟ ଜଣେ ଅତିଥି ମୋ ନିକଟରେ ଏକ ପ୍ରସ୍ତାବ ରଖି କହିଲେ ଯେ ସମସ୍ତ ଧର୍ମର ଅନୁଗାମୀଙ୍କୁ ପ୍ରେମର ମଧୁର ବନ୍ଧନରେ ବାନ୍ଧି ଏକତ୍ରିତ କରାଯାଉ । ମୁଁ ଉତ୍ତର ଦେଇଥିଲି, ‘ଆମ୍ଭେମାନେ ପ୍ରଥମରୁ ଏଥିପାଇଁ ପ୍ରୟାସ କରିଆସୁଛୁ । ୱାର୍ଲଡ ହାଲ୍‌ରେ ଅନୁଷ୍ଠିତ ହୋଇଥିବା ବିଶ୍ୱଧର୍ମ ସମ୍ମିଳନୀ ତାହାର ଏକ ଜ୍ୱଳନ୍ତ ଉଦାହରଣ । ସେ ସମ୍ବନ୍ଧରେ ବିସ୍ତୃତ ଭାବେ ଜାଣିବା ପରେ ସେ ଅତ୍ୟନ୍ତ ପ୍ରଭାବିତ ହେଲେ’ ।

ଆଲ୍‌ବାନିୟାରୁ ଆସିଥିବା 21 ଜଣିଆ ଦଳ ମଧ୍ୟରେ 10 ଜଣ ଅଣ-ଅହମଦି ଏବଂ 11 ଜଣ ଅହମଦି ଥିଲେ । ତନ୍ମଧ୍ୟରୁ ଜଣେ ପୂର୍ବତନ ସେନାଧିକାରୀ କହିଲେ, ‘ଏପରି ଶୃଙ୍ଖଳା ମୁଁ ଦୁନିଆରେ କେଉଁଠି ହେଲେ ଦେଖିବାକୁ ପାଇନାହିଁ । ଜମାଅତର ସଭ୍ୟ ସ୍ୱେଚ୍ଛାକୃତ ଭାବେ ସେବା କରିବା, ବିଶେଷତଃ ଛୋଟ ପିଲାମାନେ ଅତିଥିମାନଙ୍କୁ ପାଣି ଦେଉଥିବାର ଦୃଶ୍ୟ, ଯେଉଁଥିରେ ସେମାନଙ୍କ ଚେହେରାରେ ଆତ୍ମ ସନ୍ତୋଷର ଝଲକ୍ ଦେଖାଯାଉଥିଲା’ ।

ହୁସେନ୍ ଅଲ୍ ହାଫିଜ୍ ସାହେବ ରୋମାନିଆରେ ଦୀର୍ଘ ଦିନରୁ ବସବାସ କରୁଥିବା ଜଣେ ଭଦ୍ରବ୍ୟକ୍ତି । ସେ ଖଲିଫାଙ୍କୁ ପାଖରୁ ଦର୍ଶନ କରିବାର ଇଚ୍ଛା ପ୍ରକାଶ କରିବାରୁ ମୋବଲିଗ୍ କହିଲେ, ‘ତାଙ୍କ ସହିତ ଅବଶ୍ୟ ସାକ୍ଷାତ କରିବାର ସୁଯୋଗ ମିଳିବ’ । ଏହା ଶୁଣି ସେ ବିଶ୍ୱାସ କରିପାରିଲେ ନାହିଁ । ଜଲସାର ପ୍ରଥମ ଦିନରୁ ସେ କହିବା ଆରମ୍ଭ କରିଦେଲେ ଯେ ସେ ଖଲିଫାଙ୍କୁ ପ୍ରେମ କରନ୍ତି । ସେ ବାରମ୍ବାର କହୁଥିଲେ ଯେ ସମଗ୍ର ଇସଲାମ ଜଗତର ଯଦି ଜଣେ ଖଲିଫା ରହିବେ, ତା’ହେଲେ ମୁସଲମାନମାନଙ୍କର ସବୁ ସମସ୍ୟାର ସମାଧାନ ହୋଇଯିବ । କାରଣ ଖଲିଫା ହିଁ ଆମକୁ ସଳଖ ଓ ପ୍ରକୃତ ମାର୍ଗ ଦେଖାଇପାରିବେ । ତେବେ ସାକ୍ଷାତ କଲାବେଳେ ମଧ୍ୟ ସେ ମୋତେ ଏହି କଥା କହିଥିଲେ । ପୁଣି ସେ ଆମ ମୋବଲିଗ୍‌ଙ୍କୁ ପଚାରିଲେ, ‘ଖଲିଫା କିପରି ନିର୍ବାଚିତ ହୁଅନ୍ତି’ ? ତାଙ୍କୁ ଉତ୍ତର ଦେଇ ସେ ଖିଲାଫତେ ରାଶଦା ( ମହମ୍ମଦ ସଃ ଙ୍କ ପରେ ହୋଇଥିବା ଖଲିଫାମାନଙ୍କ) ନିର୍ବାଚନ ଏବଂ ବର୍ତ୍ତମାନର ନିର୍ବାଚନ ପ୍ରକ୍ରିୟା ବର୍ଣ୍ଣନା କଲେ । ଅଲ୍ଲାଃ ସ୍ୱୟଂ ଏହି କାର୍ଯ୍ୟକୁ ନିଜ ଅଧୀନକୁ ନେଇ ଯାଆନ୍ତି । ଫଳରେ ମତଦାତାମାନେ ସ୍ୱର୍ଗୀୟ ବାଣୀର ସମ୍ୟକ ସଙ୍କେତ ଦ୍ୱାରା ଜଣେ ଉପଯୁକ୍ତ ପ୍ରାର୍ଥୀଙ୍କ ଚୟନ ପାଇଁ ମାନସିକ ସ୍ତରରେ କେନ୍ଦ୍ରୀଭୂତ ହୋଇଯାଆନ୍ତି । ସେମାନଙ୍କ ହାତ ଆପଣାଛାଏଁ ସେହି ବ୍ୟକ୍ତିଙ୍କ ସପକ୍ଷରେ ଉଠିଯାଏ, ଯାହାଙ୍କୁ ଖଲିଫା ରୂପେ ନିର୍ବାଚିତ କରିବାର ସ୍ୱୟଂ ଈଶ୍ୱର ଇଚ୍ଛା କରନ୍ତି’ । ତେବେ ଏହି କଥାର ଗୁଢ଼ ରହସ୍ୟକୁ ସେ ମହାଶୟ ବୁଝି ପାରିଲେ ନାହିଁ । କିନ୍ତୁ ସନ୍ଧ୍ୟା ବେଳକୁ ଏହାର ସମାଧାନ ହୋଇଗଲା । ହଜୁର ଅଃ କହିଲେ,ଜୁହର ନମାଜ ପଢ଼ିବାକୁ ଧାଡ଼ିବାନ୍ଧି ଛିଡା ହୋଇଥିବା ବେଳେ ଲୋକଙ୍କ ମଧ୍ୟରେ ମୁଁ ଆଗକୁ ବଢ଼ିଲି । ସେ ମହାଶୟଙ୍କ ନିକଟରେ ଗଲାବେଳେ ମୋ ଉପରେ ତାଙ୍କର ଦୃଷ୍ଟି ଯେତେବେଳେ ପଡ଼ିଲା, ମୋତେ ସଲାମ କରିବା ପାଇଁ ତାଙ୍କର ହାତ ସ୍ୱତଃସ୍ଫୂର୍ତ ଭାବେ ଉପରକୁ ଉଠିଗଲା । ଏହା ଏକ ଦୈବି ସଂକେତ ଥିଲା ମୋ ପ୍ରତି । ସେ ଏହା ମଧ୍ୟ କହିଲେ, ‘ସେ ଯେତେ ବଡ ବ୍ୟକ୍ତି ହୋଇ ଥାନ୍ତୁ ପଛକେ ମୁଁ ସ୍ୱଭାବତଃ କାହାକୁ ହାତ ଉଠାଇ ସଲାମ କରେ ନାହିଁ । ଅଥଚ ମୁଁ ଏହା ଅନୁଭବ କରୁଛି ଯେ ମୋର ଏହି ଆଚରଣ ବାସ୍ତବିକ ଅଲ୍ଲାଃଙ୍କ ନିୟନ୍ତ୍ରଣାଧୀନକୁ ଚାଲି ଯାଇଥିଲା । ତେବେ ସେ ଅତ୍ୟଧିକ ଭାବାବେଗରେ ବଶୀଭୂତ ହୋଇ ଯାଇଛନ୍ତି ଓ ଜମାଅତ୍‌ରେ ସାମିଲ ହେବା ପାଇଁ କିଛି ସମୟ ମାଗିଛନ୍ତି । ପୁନଶ୍ଚ ଲିଥିଓନିୟା ବିଶ୍ୱବିଦ୍ୟାଳୟରୁ ଆସିଥିବା ତିନି ଜଣ ଅତିଥିଙ୍କ ମଧ୍ୟରୁ ଜଣେ ଶିକ୍ଷାର୍ଥି ନିଜ ଭାବନା ବ୍ୟକ୍ତ କରି କହିଲେ, ‘ପାଶ୍ଚାତ୍ୟ ଚିନ୍ତାଧାରା ସଂପନ୍ନ ବ୍ୟକ୍ତି ବିଶେଷଙ୍କ ପାଇଁ ଏହି ଜଲସା ଅତ୍ୟନ୍ତ ଉପାଦେୟ । ଯେଉଁମାନଙ୍କର ଇସଲାମ ସମ୍ବନ୍ଧରେ ସ୍ୱଳ୍ପ ଜ୍ଞାନ ରହିଛି କିମ୍ବା ଯେଉଁମାନେ ଏହାକୁ ନକାରାତ୍ମକ ଦୃଷ୍ଟିରେ ଦେଖନ୍ତି, ସେମାନଙ୍କର ସୀମିତ ଜ୍ଞାନର ବିକାଶ ପାଇଁ ଏହି ଜଲସା ଅବଶ୍ୟ ସହାୟକ ହେବ । ଆପଣମାନେ ସକାରାତ୍ମକ ଚିନ୍ତାଧାରାର ଅଧିକାରୀ । ଆପଣମାନଙ୍କ ଚେହେରାରେ ସଦା ସର୍ବଦା ପ୍ରଫୁଲ୍ଲତାର ଚମକ ଓ ସ୍ମିତହାସ୍ୟର ଝଲକ । ଆପଣମାନେ ହସ ହସ ମୁହଁରେ ସମସ୍ତଙ୍କୁ ଅଭିବାଦନ କରନ୍ତି’ ।

Dominic ସାହେବ କୁହନ୍ତି ଯେ ଖଲିଫାଙ୍କର ଅଭିଭାଷଣ ଶୁଣିବା ପରେ ଅନେକ ନୂତନ ତଥ୍ୟର ଜ୍ଞାନ ମିଳିଲା । ଅନ୍ୟ ଜଣେ ଅତିଥି କହିଲେ, ‘ଆପଣ ଆଜି ଧର୍ମ ସହିଷ୍ଣୁତା ଓ ସମନ୍ୱୟର ଯେଉଁ ଶିକ୍ଷା ଦେଉଛନ୍ତି ତାହା ଅତି ଉଚ୍ଚକୋଟୀର ଓ ଜର୍ମାନର ଆଇନ ଅନୁମୋଦିତ । ମୋ ସହିତ ଜଣେ ଅହମଦି ଛାତ୍ର ପଢୁଛନ୍ତି । ଜଣେ ଅହମଦି ମୁସଲମାନ ଓ ଅଣ-ଅହମଦି ମୁସଲମାନଙ୍କ ମଧ୍ୟରେ ବହୁତ ପ୍ରଭେଦ ରହିଛି । ତାହା ତାଙ୍କର କାର୍ଯ୍ୟ ବିଧିରୁ ଜଣାପଡୁଛି’ ।

ସୁତରାଂ ଆମ କାର୍ଯ୍ୟପନ୍ଥାରେ ଏହି ଅନ୍ତରକୁ ଆମେ ପ୍ରତ୍ୟେକ ସ୍ତରରେ ପ୍ରତ୍ୟେକ ବର୍ଗରେ ଦେଖାଇବା ଉଚିତ । ଏହା ଆମ ତବଲିଗ୍‌ର ବଡ ମାଧ୍ୟମ । ସେଥିଯୋଗୁଁ ପ୍ରତ୍ୟେକ ଅହମଦି ଏହା ମନେ ରଖିବା ଉଚିତ ଆମ କାର୍ଯ୍ୟକଳାପର ନମୁନା ପ୍ରତି ଲୋକମାନେ ନଜର ପକାଇଥାନ୍ତି । ଜଣେ ଜର୍ମାନୀ ନିବାସୀ କହିଲେ, 'ଖଲିଫାଙ୍କ ଭାଷଣ ମୁଁ ଲେଖିଥିବା ଅଭିବ୍ୟକ୍ତି ପରି ଲାଗୁଥିଲା । ତାଙ୍କର ପ୍ରତିଟି ଶବ୍ଦ ସତେ ଯେପରି ମୋ ହୃଦୟର ସ୍ୱର' ।

ଡାକ୍ତର ମହ୍‌ଦୀ ଅଲି ସାହେବ ଶହୀଦ ହେବା ବିଷୟରେ ଖଲିଫତୁଲ୍ ମସିହ ଉଦ୍‌ବୋଧନ ଦେଉଥିବା ସମୟରେ ଜଣେ ଅହମଦୀ ମହିଳା ଧୈର୍ଯ୍ୟ ଧରି ରହିପାରିଲେ ନାହିଁ ଓ କାନ୍ଦିବାରେ ଲାଗିଲେ । ପୁଣି ଯେତେବେଳେ ଖଲିଫା କହିଲେ ଯେ ଅଲ୍ଲାଃଙ୍କ ମାର୍ଗରେ ଏହି ବ୍ୟକ୍ତି ମୃତ୍ୟୁ ଲଭିବା ସତ୍ତ୍ୱେ ଆମମାନଙ୍କ ସେବା କାର୍ଯ୍ୟରେ କୌଣସି ଊଣା ହୋଇନାହିଁ, ବରଂ ଅଧିକ ଉତ୍ସାହର ସହିତ ଆମେ ଏହାକୁ ଜାରି ରଖିବୁ । ତାହା ଶୁଣି ମହିଳାଙ୍କ ଭାବାବେଗ ଉପରେ କାବୁ ରଖିବା କଷ୍ଟକର ହୋଇଥିଲା ।

ଜଣେ ମହିଳା ଅଧିକ ପ୍ରଭାବିତ ହୋଇ କହିଲେ, 'ଶାନ୍ତି ପ୍ରତିଷ୍ଠାର ଉପାୟ ଓ ସମାଧାନର ଦିଗ ପ୍ରତି ଯେପରି ଗୁରୁତ୍ୱାରୋପ କରାଗଲା, ଯେପରି ଜାତି,ଧର୍ମର ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱରେ ରହି ଜଣେ ଅନ୍ୟକୁ ପ୍ରେମ କରୁ ଏବଂ ପରସ୍ପର ମଧ୍ୟରେ କୌଣସି ଶତ୍ରୁତା ନ ରହୁ, ତାହାର ସଫଳତା ପାଇଁ ଏପରି ସମାବେଶର ଅତ୍ୟନ୍ତ ଆବଶ୍ୟକତା ରହିଛି । ନିଜ ଜମାଅତ୍‌ର ଲୋକଙ୍କୁ କେବଳ ଏଠାକୁ ଡକା ଯାଇନାହିଁ, କିମ୍ବା କୌଣସି ରାଜନୈତିକ ଲୋକଙ୍କୁ ନିମନ୍ତ୍ରଣ କରାଯାଇ ନାହିଁ, ବରଂ ନିଜର ପଡୋଶୀ , ସଂପର୍କୀୟ ତଥା ସମାଜର ସବୁ ବର୍ଗର ବ୍ୟକ୍ତି ବିଶେଷଙ୍କୁ ଏଠାକୁ ଆସିବା ପାଇଁ ସ୍ୱାଗତ କରାଯାଇଛି, ତାହା ମୋତେ ପ୍ରଭାବିତ କରିଛି । ସୁତରାଂ କୌଣସି ମସଜିଦ ଉଦ୍‌ଘାଟନ କରିବା ଅବସରରେ ସେଠାକାର ସ୍ଥାନୀୟ ଅହମଦିଙ୍କ ଦାୟୀତ୍ୱ ଅଧିକ ବଢିଯାଏ ନୂତନ ମାର୍ଗ ଖୋଲିବାର' ।

ଜର୍ମାନୀ ଜଲ୍‌ସାର ତୃତୀୟ ଦିନ ସେଠାରେ ଉପସ୍ଥିତ ଥିବା ୧୯ଟି ସଂପ୍ରଦାୟଭୁକ୍ତ ଜାତିର ୮୩ ଜଣ ବୟତ କରିଥିଲେ । ସେହି ନବ ଦୀକ୍ଷିତ ବ୍ୟକ୍ତିଙ୍କର କେତେକ ମତାମତ ମୁଁ ଏଠାରେ ଉପସ୍ଥାପନ କରିବି ।

ମରାକସ୍‌ର ଅବ୍ଦୁଲ କାଦର୍ କୁହନ୍ତି ଯେ ସେ ୬ ବର୍ଷ ହେଲା ଅହମଦୀୟା ଜମାଅତ ସହିତ ସଂପୃକ୍ତ ଅଛନ୍ତି । ସେଠାକାର ନମାଜ ସେଣ୍ଟରରେ ନମାଜ ଓ ଜୁମ୍ମାରେ ସେ ସମ୍ମିଳିତ ହେଉଛନ୍ତି । ଜର୍ମାନୀ ଜଲସାକୁ ସେ ନିମନ୍ତ୍ରଣ ପାଇ ଆସିଲେ ଓ ସେଠାକାର ଆଧ୍ୟାତ୍ମିକ ପରିବେଶ ତାଙ୍କୁ ଅଭିଭୁତ କଲା । ଖଲିଫାଙ୍କ ସହିତ ମିଳନ ଓ ନିବିଡ ପ୍ରେମ ସଂପର୍କ ତାଙ୍କ ହୃଦୟରେ ବିରାଟ ପରିବର୍ତ୍ତନ ଆଣିଦେଲା । ତେଣୁ ସେ ବିନା ଦ୍ୱିଧାରେ ଏପରି ସତ୍ୟବ୍ରତ ଜମାଅତରେ ବୟତ କରି ସାମିଲ ହୋଇଛନ୍ତି ।

ସ୍ୱିଡେନରୁ ଆସିଥିବା ଇରାକର ଜଣେ ମୂଳ ବାସିନ୍ଦାଙ୍କ ଅଭିବ୍ୟକ୍ତି ଏହିପରି : 'ମୁଁ ଏହି ଶାଶ୍ୱତ ଓ ବାସ୍ତବ ଜମାଅତ୍‌ର ସନ୍ଧାନରେ ଥିଲି । ଅହମଦୀୟା ଜମାଅତରେ ମୋର ସମସ୍ତ ପ୍ରଶ୍ନର ଉତ୍ତର ମୁଁ ଖୋଜି ପାଇଛି' । ପୁଣି ସେ ବୟତ କରି ଜମାଅତରେ ସାମିଲ ହୋଇଛନ୍ତି । ସେହିପରି ଫ୍ରାନସ୍‌ର ଜଣେ ସ୍ଥାନୀୟ ବ୍ୟକ୍ତି ଆସିଥିଲେ । ଏକ ଖ୍ରୀଷ୍ଟିୟାନ ପରିବାରରେ ତାଙ୍କର ଜନ୍ମ । କୌଣସି ଧର୍ମ କାର୍ଯ୍ୟରେ ତାଙ୍କର ଆଗ୍ରହ ନଥିଲା । ବାପାମାଆ କହିବାରୁ ଚର୍ଚ୍ଚ ଗଲେ । ସମ୍ମୁଖରେ ଯୀଶୁଙ୍କ ମୂର୍ତ୍ତିକୁ ଦେଖି ଭାବିଲେ 'ଈଶ୍ୱରଙ୍କୁ ଉପାସନା କରିବି ନା ଏହି ମୂର୍ତ୍ତିକୁ' । ଜଣେ ଅହମଦି ବନ୍ଧୁଙ୍କ ସଂସ୍ପର୍ଶରେ ଆସି ଜମାଅତର ପରିଚୟ ପାଇଲେ । 'ଇସଲାମୀୟ ଶିକ୍ଷାର ଦର୍ଶନ' ପୁସ୍ତକ ଅଧ୍ୟୟନ କଲେ । ଜଲସାକୁ ଆସି ଜମାଅତ୍‌ର ଇମାମ୍‌ଙ୍କ ଭାଷଣ ଶୁଣିଲେ । ତାଙ୍କ ଜୀବନର ସବୁ ସ୍ଥିତି ବଦଳିଗଲା । ଜଲସାର ତୃତୀୟ ଦିନ ବୟତ କରି ସେ ଆମ ଜମାଅତରେ ଅନ୍ତର୍ଭୁକ୍ତ ହେଲେ ।

ଫ୍ରାନ୍‌ସରୁ ଆସିଥିବା ଜଣେ ଆରବୀୟ ଅହମଦି ନିଜର ଏକ ସ୍ୱପ୍ନାନୁଭୂତି ବର୍ଣ୍ଣନା କରି କୁହନ୍ତି, 'ମୁଁ ସ୍ୱପ୍ନରେ ଜଣେ ବ୍ୟକ୍ତିଙ୍କ ଠାରୁ ଏହି କୋରାନବାଣୀ ଆବୃତ୍ତି କରୁଥିବାର ଶୁଣିଲି ।

**ୟା ଆୟତହୁଲ୍ ନଫ୍‌ସୁମ୍ ମୁତ୍‌ମଇନା-ଇର୍‌ଜୀ ଅଲା ରବ୍‌ବିକା ରାଜିୟତନ୍ ମର୍‌ଜିୟାଃ;**

**ଫଦ୍‌ଖଲି ଫି ଇବାଦୀ ଓ୍ୱଦ୍‌ଖଲି ଫି ଜନ୍‌ନତି ॥** **(ଅଲ୍-ଫଜର 28-30)**

**ଅନୁବାଦ :** 'ହେ ପ୍ରଶାନ୍ତ ଆତ୍ମା ! ନିଜ ପାଳନକର୍ତ୍ତାଙ୍କ ନିକଟକୁ ଏପରି ଅବସ୍ଥାରେ ଫେରିଆସ, ଯେତେବେଳେ କି ତୁମେ ତାହାଙ୍କ ପ୍ରତି ସନ୍ତୁଷ୍ଟ ହୋଇଥିବ ଓ ସେ ତୁମ ପ୍ରତି ସନ୍ତୁଷ୍ଟ ହୋଇଥିବେ' । ଅର୍ଥାତ ଅଲ୍ଲାଃ ମନୁଷ୍ୟ ଭାଗ୍ୟରେ ଯାହାକିଛି ସ୍ଥିର କରିଛନ୍ତି, ଯଦି ସେ ତାହାକୁ ପସନ୍ଦ କରେ ଏବଂ ମନୁଷ୍ୟ ଯେଉଁ କାର୍ଯ୍ୟ କରେ, ଯଦି ତାହା ଅଲ୍ଲାଃଙ୍କୁ ଭଲ ଲାଗେ, ତା'ହେଲେ ସେ ଅଲ୍ଲାଃଙ୍କ ସାନିଧ ଲାଭ କରିପାରେ । ଅଲ୍ଲାଃଙ୍କୁ ସାକ୍ଷାତ କରିପାରିଲେ ମନୁଷ୍ୟ ସଂପୂର୍ଣ୍ଣ ସନ୍ତୋଷ ଲାଭ କରିବ ।

'ପୁନଶ୍ଚ ଅଲ୍ଲାଃ ତୁମକୁ କହୁଛନ୍ତି କି ଆସ, ଆମ୍ଭର ଭକ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯାଅ । ଏବଂ ଆସ ଆମ୍ଭ ବୈକୁଣ୍ଠରେ ମଧ୍ୟ ପ୍ରବେଶ କର ।'

ପୁଣି ଜଣେ ନବ ଯୁବକକୁ ସ୍ୱପ୍ନରେ ଦେଖାଇ କୁହାଗଲା 'ଯେ ହେଉଛନ୍ତି ତୁମର ନୂତନ ଖଲିଫା' । ତେବେ ସେହି ସ୍ୱପ୍ନ ଘଟଣା ପରେ ଚତୁର୍ଥ ଖଲିଫା -ରାବେଙ୍କ ଦେହାନ୍ତ ହେଲା । ଯେବେ ପୁର୍ନବାର ଖିଲାଫତ ନିର୍ବାଚନ ହେଲା ମୋର ସେହି ସ୍ୱପ୍ନ କଥା ମନେ ପଡିଗଲା । ନବନିର୍ବାଚିତ ଖଲିଫାଙ୍କ ଫଟୋ ଦେଖିଲି ତ ଆପଣ ହିଁ ସେହି ବ୍ୟକ୍ତି ଥିଲେ' ।

ଏହାପରେ ହଜୁର କହିଲେ, ଏହିସବୁ ଘଟଣା ଅଲ୍ଲାଃଙ୍କ ସମର୍ଥନ ଓ ସହାୟତାର ପରିପ୍ରକାଶ କରିଥାଏ । ଅଲ୍ଲାଃଙ୍କ କରୁଣାର ନିଦର୍ଶନ ଯାହା ମସଜିଦ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ ଅବସରରେ ଆମକୁ ମିଳିଥିଲା । ଏବେ ଆମର ନିଜ ଆତ୍ମସମୀକ୍ଷା କରିବାର ବେଳ ଆସିଛି । ଏକ ପକ୍ଷେ ଐଶି ସମର୍ଥନ ଓ କରୁଣା ପାଇଁ ଅଲ୍ଲାଃଙ୍କ ଠାରେ କୃତଜ୍ଞତା ଜଣାଇବା ଆବଶ୍ୟକ । କିନ୍ତୁ ଅପର ପକ୍ଷେ ନିଜ କର୍ତ୍ତବ୍ୟରେ କଣ ତ୍ରୁଟି ବିଚ୍ୟୁତି ହେଉଛି, ତାହାର ଅନୁଶୀଳନ ମଧ୍ୟ କରିବା ଉଚିତ । ଆମମାନଙ୍କ ମଧ୍ୟରୁ କୌଣସି ଜଣେ ବ୍ୟକ୍ତିର ଯଦି କିଛି ଦୋଷ ଦୁର୍ବଳତା ଦେଖାଦେବ, ତା'ହେଲେ ସେ ଅଲ୍ଲାଃଙ୍କ ଆଶୀଷରୁ ବଞ୍ଚିତ ହୋଇଯିବ । ଅନ୍ୟମାନଙ୍କୁ ତ ଆମର ଗୁଣ ଗାରିମା ଦୃଷ୍ଟିଗୋଚର ହେଉଥିବ । କିନ୍ତୁ ଆମର କୌଣସି କର୍ମରେ ଅବହେଳା ବା ଅଭାବ ପ୍ରତି ଆମକୁ ଦୃଷ୍ଟି ଦେବାକୁ ହେବ । ବିଶେଷତଃ ଉଚ୍ଚପଦସ୍ଥ କର୍ମଚାରୀ ବା ନେଶନାଲ୍ ଓହ୍‌ଦାଦାର ଏଥିପାଇଁ ସଜାଗ ରହିବା ଉଚିତ୍ । କିନ୍ତୁ ନିଜ ବ୍ୟବସ୍ଥାରେ ଯେଉଁ ପରିଚାଳନା ଗତ ତ୍ରୁଟି ରହିଯାଉଛି, ସେଥିପାଇଁ ଜାତୀୟ ଅମୀର ମୋତେ କ୍ଷମା ମାଗିଦେଲେ ଯଥେଷ୍ଟ ହେବ ନାହିଁ । ଅସଲ କଥା ହେଉଛି, ବର୍ଷସାରା ଆମ କାର୍ଯ୍ୟକଳାପରେ ଯେ ପର୍ଯ୍ୟନ୍ତ ସୁଧାର ନ ହୋଇଛି ଓ ତ୍ରୁଟି ସଂଶୋଧନ କରିବା ପାଇଁ ଚେଷ୍ଟା କରା ନ ଯାଇଛି ସେପର୍ଯ୍ୟନ୍ତ ଏହି କ୍ଷମା ମାର୍ଜନା କୌଣସି ଲାଭ ଦେବ ନାହିଁ ।

ମେସିଡୋନିୟାରୁ ଆସିଥିବା ଜଣେ ମହିଳା ସାମ୍ବାଦିକ ମୋତେ ପ୍ରଶ୍ନ କଲେ ଯେ 'କ'ଣ ଆପଣ ସମସ୍ତ ଆୟୋଜନର ବ୍ୟବସ୍ଥାରେ ସନ୍ତୁଷ୍ଟ ଅଛନ୍ତି' ? ତେବେ ଏହା ପଚାରିବାରେ ତାଙ୍କର ଉଦ୍ଦେଶ୍ୟ କ'ଣ, ତାହା ତ ଅଲ୍ଲାଃ ଜାଣନ୍ତି । ଯଦି ମୁଁ ତାକୁ ଉତ୍ତର ଦେବି ଯେ ମୁଁ ଶତ ପ୍ରତିଶତ ଏହି ବ୍ୟବସ୍ଥାରେ ସନ୍ତୁଷ୍ଟ, ତା'ହେଲେ ହୁଏତ ସେ ଆଗକୁ ଅଧିକ ପ୍ରଶ୍ନ କରିପାରନ୍ତି । ମୁଁ ଉତ୍ତର ଦେଲି ଯେ ଉନ୍ନତି କରୁଥିବା ଜାତି ବା ସଂପ୍ରଦାୟ ଅଧିକରୁ ଅଧିକ ଉତ୍ତମ କାର୍ଯ୍ୟ କରିବାର ସନ୍ଧାନରେ ରହିଥାନ୍ତି । କିଛି ଲୋକଙ୍କ ପ୍ରଶଂସା ଶୁଣି ଆମେ କହିପାରିବା ନାହିଁ ଯେ ଆମେ ଯାହା କରିବାର ଥିଲା ତାହା କରିଦେଇଛୁ । ଆମ ଦ୍ୱାରା ବହୁତ ମହତ କାର୍ଯ୍ୟ ସଂପାଦନ ହୋଇଗଲା । ଅଥଚ ଆମ କର୍ତ୍ତବ୍ୟରେ ରହିଥିବା ଅଭାବକୁ ଆମେ ଏକବାରେ ଭୁଲିଯିବା । ତେଣୁ ଏହାକୁ କେବେହେଲେ ଅଣ-ଦେଖା କରିବା ଉଚିତ୍ ନୁହେଁ । ତେବେ ସେ ମୋର ଏହି କଥା ଶୁଣି ନୀରବ ରହିଲେ ।

ହଜୁର ଅନଓ୍ୱର କହିଲେ, 'ଆପଣମାନେ କାର୍ଯ୍ୟ କ୍ଷେତ୍ରରେ ଏହାକୁ ସୁଧାରିବାରେ ଉନ୍ନତି ଆଣନ୍ତୁ । ଖାଲି କଥାରେ ନୁହେଁ, କାର୍ଯ୍ୟରେ ପରିଣତ କଲେ ଯାଇ ଏହାର ନିରାକରଣ ହୋଇପାରିବ । ଯଦି ଏଥିପତି ଧ୍ୟାନ ଦେବେ ଓ ଯତ୍ନବାନ ହେବେ, ତା'ହେଲେ ସବୁକିଛି କରିବା ସମ୍ଭବ ହେବ । କାନାଡାରେ ଗୋଟିଏ ବର୍ଷ ଏହିପରି ପରିସ୍ଥିତି ଉପୁଜିଥିଲା । ମୁଁ ସେମାନଙ୍କ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକୀୟ ପରାମର୍ଶ ଦେଲି । ଏହା ଉପରେ ସେମାନେ ଗୁରୁତ୍ୱ ଦେଲେ, ସକାରାତ୍ମକ ପଦକ୍ଷେପ ଗ୍ରହଣ କଲେ । ଏବେ ସେଠାକାର ଲୋକମାନେ ମୋତେ ଲେଖୁଛନ୍ତି ଯେ ଅତି ଉତ୍ତମ ଅୟୋଜନ କରାଯାଇଛି । ଏହା ଫଳପ୍ରଦ ହେବାର କାରଣ ସେମାନେ ମୋ କଥାକୁ ଶୁଣିଲେ ତାହା ଉପରେ ପାଳନ କଲେ ବା ପାଳନ କରିବାକୁ ପୂର୍ଣ୍ଣପ୍ରାଣରେ ଚେଷ୍ଟା କଲେ ।

ଜର୍ମାନୀର ଜମାଅତ ଯଦି ଏହି ନୀତି ଉପରେ ପରିଚାଳିତ ହେବେ, ତା'ହେଲେ ଅଲ୍ଲାଃ ଚାହିଁଲେ ସେଠାରେ ମଧ୍ୟ ଉତ୍କୃଷ୍ଟ ଧରଣର କାର୍ଯ୍ୟ ହୋଇପାରିବ । ଜମାଅତର ସଭ୍ୟ ତଥା ଜଣେ ସାଧାରଣ କର୍ମକର୍ତ୍ତା ମୋ ନିକଟକୁ ବ୍ୟାକୁଳ ହୋଇ ଲେଖୁଛନ୍ତି ଯେ କିପରି ଅବସ୍ଥା ସୁଧୁରିବ । କିନ୍ତୁ ବରିଷ୍ଠ କର୍ମଚାରୀ ତଥା ଜାତୀୟ ସ୍ତରର କର୍ମକର୍ତ୍ତା ନିଜର ନୀଚମନା ଦୃଷ୍ଟିଭଙ୍ଗୀରୁ ବାହାରକୁ ବାହାରିବା ଆବଶ୍ୟକ । ସେମାନେ ବାହାରକୁ ଆସନ୍ତୁ ଓ ନିଜକୁ ଅଫିସର ବୋଲି ଭାବନ୍ତୁ ନାହିଁ, ବରଂ ନିଜକୁ ସେବକ ମନେ କରି ଜମାଅତର୍ ସେବା କରନ୍ତୁ । ନିଜ ମନରେ ଏହି ଚିନ୍ତାଧାରା ପୋଷଣ କରନ୍ତୁ । ଅଲ୍ଲାଃତାଲା ସେଥିପାଇଁ ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଜମାଅତକୁ ଯେଉଁ ସଫଳତା ପ୍ରାପ୍ତ ହେଉଛି, ତାହାକୁ ଅଲ୍ଲାଃଙ୍କ ସାନିଧ ଓ କରୁଣା ବୋଲି ମନେ କରନ୍ତୁ । ଏହା ନିଜ କାର୍ଯ୍ୟଦକ୍ଷତା ଯୋଗୁଁ ନୁହେଁ, ବରଂ ଅଲ୍ଲାଃଙ୍କ କାର୍ଯ୍ୟ ବୋଲି ବିବେଚନା କରିବା ଉଚିତ୍ । ନିଜକୁ ତୁଚ୍ଛ ମଣିବା, ବିନୟ ଭାବ ପୋଷଣ କରିବା ଓ ଅଲ୍ଲାଃଙ୍କ ପ୍ରତି ସବୁବେଳେ କୃତଜ୍ଞତା ଜ୍ଞାପନ କରିବାରେ ଅଗ୍ରସର ହୁଅନ୍ତୁ । ଅଲ୍ଲାଃ କରନ୍ତୁ ଜମାଅତର ସମସ୍ତ ଓହଦାଦାର, ପଦସ୍ଥ କର୍ମକର୍ତ୍ତାଙ୍କ ମନରେ ଏହି ଭାବ ଜାଗ୍ରତ ହେଉ । ଏହି ମନୋବୃତ୍ତି ନେଇ ସେମାନେ କାର୍ଯ୍ୟ କରନ୍ତୁ । ଯାହା ଫଳରେ ଆମ୍ଭେମାନେ ଅଲ୍ଲାଃଙ୍କ କରୁଣାକୁ ପୂର୍ବପେକ୍ଷା ଅଧିକ ମାତ୍ରାରେ ହାସଲ କରିବାରେ ସକ୍ଷମ ହୋଇପାରିବା ।

ଓଡିଆରେ ଉପସ୍ଥାପନା: **ସମୀକ୍ଷା କମିଟି ,ଓଡିଶା**